| PUBLICATION NAME : | Sakala |
| --- | --- |

# ଇଡିଆଇଆଇ ପକ୍ଷରୁ ଉଦ୍ୟୋଗ ଉପରେ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ ଆୟୋଜନ

ଅହମଦାବାଦ: ଭାରତୀୟ ଉଦ୍ୟୋଗ ବିକାଶ ପ୍ରତିଷ୍ଠାନ, ଅହମଦାବାଦରେ ୧୬ତମ ଦ୍ୱିବାର୍ଷିକ ସମ୍ମିଳନୀ (ତିନି ଦିନିଆ) ୨୬ ଫେବୃଆରୀ ଠାରୁ ପ୍ରତିଷ୍ଠାନର କ୍ୟାମ୍ପସରେ ଅନୁଷ୍ଠିତ ହେଉଛି । ଉଦ୍ୟୋଗ ଉପରେ ତିନିଦିନିଆ ସମ୍ମିଳନୀ ଫେବୃଆରୀ ୨୮ରେ ସମାପ୍ତ ହେବ । ଏଥିରେ ବିଭିନ୍ନ ଗବେଷକ, ଶିକ୍ଷାବିତ ଓ ବୃତିଧାରୀମାନେ ଯୋଗ ଦେଇ ଉଦ୍ୟୋଗ ବିକାଶ ଉପରେ ଗବେଷଣା ଅଧ୍ୟୟନ ଓ ନିଷ୍କର୍ଷ ବାଂଟିବାରେ ଇଡିଆଇଆଇ ପ୍ଲାଟଫର୍ମରେ ୧୯୯୪ ଠାରୁ ଉଦ୍ୟୋଗୀଙ୍କ ଉପରେ ଆଲୋଚନା ଆୟୋଜନ କରିଆସୁଛି । ଏହି ସମ୍ମିଳନୀରେ ଉଦ୍ୟୋଗିତାର ଗୁରୁତ୍ୱ ଓ ଅଭ୍ୟାସ, ଶିକ୍ଷା, ଇକୋସିଷ୍ଟମ, ମନସ୍ତତ୍ୱ, ଏମଏସଏମଇ ଉଦ୍ୟୋଗିତା, ପ୍ରଯୁକ୍ତିବିଦ୍ୟା, ଡିଜିଟାଲ, ଷ୍ଟାର୍ଟଅପ ତଥା ନବସୃଜନ, ସବୁଜ ଓ ସ୍ଥାୟୀ ଉଦ୍ୟୋଗ, ପରିବାର ବ୍ୟବସାୟ ଉପରେ ୯ଟିରୁ ଅଧିକ ଦେଶର ବିଦ୍ୱାନଙ୍କ ଦ୍ୱାରା ୧୮୪ଟି ଗବେଷଣା ପତ୍ର ଓ ଅଧ୍ୟୟନ ଉପସ୍ଥାପନା କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ଇଡିଆଇଆଇର ମହା ନିର୍ଦ୍ଦେଶକ ଡ. ସୁନୀଲ ଶୁକ୍ଲା କହିଥିଲେ ଯେ ଦ୍ୱିବାର୍ଷିକ ସମ୍ମିଳନୀ କ୍ରମାଗତ ଭାବରେ ବିଶ୍ୱବ୍ୟାପୀ ଗବେଷକ ଓ ଶିକ୍ଷକମାନଙ୍କୁ ସେମାନଙ୍କ ଚିନ୍ତାଧାରା ଓ ନବସୃଜନ ବାଂଟିବା ପାଇଁ ଏକ ମଂଚ ପ୍ରସ୍ତୁତ କରିଛି ଯାହା ଉଦ୍ୟୋଗୀଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ।